# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**21st August - 2026**

***************************************

***Desk***

## ଗ୍ରାମ ସମ୍ପଦ

ରାଜ୍ୟର ପଞ୍ଚାୟତଗୁଡ଼ିକରେ ସହରୀ ସୁବିଧା ଉପଲବ୍ଧ କରାଇବାପାଇଁ ସରକାର ଗ୍ରାମ ସମ୍ପଦ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ନିଷ୍ପତ୍ତି ଅନୁସାରେ ପ୍ରତି ପଞ୍ଚାୟତକୁ ବାର୍ଷିକ ୩ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ଦିଆଯିବ । ଏଥିରେ ପଞ୍ଚାୟତ ସ୍ତରରେ ଆଦର୍ଶ ଖେଳପଡ଼ିଆ, କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ, ପୋଖରୀ, ପାର୍କ, ପାଠାଗାର ଓ ଶ୍ମଶାନ ଭଳି ବିଭିନ୍ନ ଭିତ୍ତିଭୂମି ବିକଶିତ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି ।

***Voice (R.N.Nayak)*** :.........

***BBSR/R***

## ମୁଖ୍ୟମନ୍ତ୍ରୀ - ତାଳଚେର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅନୁଗୁଳ ଜିଲ୍ଲାର ତାଳଚେର ଗସ୍ତ କରିବେ । ତାଳଚେର ବ୍ଲକ୍ ଗୁରୁଜାଙ୍ଗ ଗ୍ରାମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ

ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ପାଳନ କରାଯିବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***Desk***

# ଖଣି ବିଲ୍

ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଲ୍-୨୦୨୬ ଦେଶର ଖଣି ଓ ଓଡ଼ିଶା ଭଳି ଖଣିସମ୍ପନ୍ନ ରାଜ୍ୟର ଆର୍ଥିକ ଭବିଷ୍ୟତପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ପୂର୍ବରୁ ରାଜ୍ୟଗୁଡ଼ିକ ଖଣିଗୁଡ଼ିକ ଉପରେ ୧୪ ପ୍ରକାରର ଭିନ୍ନ ଭିନ୍ନ ଅତ୍ୟଧିକ ଟିକସ ଲଗାଉଥିଲେ ଓ ନୂତନ ବିଲ୍‌ଦ୍ୱାରା ମୂଳ ରାଜସ୍ୱ ସୁରକ୍ଷିତ ରହିବା ସହ ବହୁସ୍ତରୀୟ ଟିକସ ବ୍ୟବସ୍ଥାକୁ ରୋକିବାପାଇଁ ଏକ ସ୍ପଷ୍ଟ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯାଇଛି । ଏହି ବିଲ୍‌ଦ୍ୱାରା ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଖଣି ଓ କାରଖାନାଗୁଡ଼ିକର ବନ୍ଦ ହେବାର ଆଶଙ୍କା ଦୂରେଇ ଯିବା ସହ ଏକ୍ଷେତ୍ରରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ଚାକିରି, ବୃତ୍ତି ଓ ଜୀବିକା ସୁରକ୍ଷିତ ହୋଇପାରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

*Desk*

# ବନ୍ୟା - ରିଲିଫ୍

ବନ୍ୟା ପ୍ରଭାବିତ ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ତୁରନ୍ତ ଅତିରିକ୍ତ ଚାଉଳ ଯୋଗାଇଦେବାପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଶ୍ରୀ ପାଟିଲ୍ ପତ୍ରରେ ଉଲ୍ଲେଖ କରିଛନ୍ତି, ଅନେକ ଅଞ୍ଚଳର ଲୋକେ ଜଳବନ୍ଦୀ ହେବା ସହ ଜନଜୀବନ ପ୍ରଭାବିତ ହୋଇଛି । ଏହାସହ ସ୍ଥାନୀୟ ଅଞ୍ଚଳରେ ଖାଦ୍ୟ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଯୋଗାଣ ଓ ଜଳବନ୍ଦୀ ଅଞ୍ଚଳରେ ଚାଉଳ ବଣ୍ଟନ ଜାରି ରଖିବାକୁ କୁହାଯାଇଛି । ପ୍ରତ୍ୟେକ ପ୍ରାପ୍ତବୟସ୍କଙ୍କପାଇଁ ଦୈନିକ ଏକ କିଲୋଗ୍ରାମ୍ ଓ ୧୨ ବର୍ଷରୁ କମ୍ ଶିଶୁଙ୍କପାଇଁ ଦୈନିକ ୫ ଶହ ଗ୍ରାମ ହିସାବରେ ଚାଉଳ ବଣ୍ଟନ କରାଯିବ ।

*Desk*

# ଜେଲ୍ - ଭତ୍ତା ବୃଦ୍ଧି

ରାଜ୍ୟ ସରକାର, ଜେଲ୍ ସଙ୍ଗଠନର ଅଧିକାରୀ ଓ କର୍ମଚାରୀଙ୍କ ଭତ୍ତା ବୃଦ୍ଧି କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ ଜେଲ୍ ଡି.ଆଇ.ଜି. ଙ୍କଠାରୁ ଆରମ୍ଭ କରି ସହାୟକ ମାଟ୍ରନ୍ ପର୍ଯ୍ୟନ୍ତ ଅଧିକାରୀଙ୍କ ଭତ୍ତା ୩ ହଜାର ଟଙ୍କାରୁ ୬ ହଜାର

ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଚି । ଏହାଦ୍ୱାରା ସମୁଦାୟ ୨ ହଜାର ୫ ଶହ ଜେଲ୍ କର୍ମଚାରୀ ଓ ଅଧିକାରୀ ଉପକୃତ ହେବେ ।

***Desk***

## ଖରିଫ୍ ଧାନ - ପଞ୍ଜୀକରଣ

ରାଜ୍ୟରେ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି । ଏପର୍ଯ୍ୟନ୍ତ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟପାଇଁ ପଞ୍ଜୀକରଣ କରିସାରିଛନ୍ତି । ପଞ୍ଜୀକରଣ ଅବଧିକୁ ସରକାର ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧରେ କୌଣସି ଅଭିଯୋଗ ଓ ମତାମତକୁ ଚାଷୀମାନେ ନିଃଶୁଳ୍କ ନମ୍ବର ୧୯୬୭ ମାଧ୍ୟମରେ ପ୍ରଦାନ କରିପାରିବେ ।

***Desk***

## ବି.ଏଡ୍. ନାମଲେଖା

ରାଜ୍ୟରେ ଦୁଇବର୍ଷିଆ ବି.ଏଡ୍., ଏମ୍.ଏଡ୍. ଓ ବି.ଏଚ୍.ଏଡ୍. ପାଠ୍ୟକ୍ରମର ଫେଜ୍-୧ରେ ନାମଲେଖାପାଇଁ ଦ୍ୱିତୀୟ ମେଧାତାଲିକା ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ମୋଟ୍ ୮୨୮ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ଛାତ୍ରଛାତ୍ରୀମାନେ ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଆବଣ୍ଟିତ

ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ । ଏହି ପାଠ୍ୟକ୍ରମରେ ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନୁରେ ମୋଟ୍ ୨ ହଜାର ୮୨୫ଟି ସିଟ୍ ରହିଛି ।

***Nabarangpur/R***

## ସ୍ୱାସ୍ଥ୍ୟକେନ୍ଦ୍ର ସମୀକ୍ଷା

ନବରଙ୍ଗପୁର ଜିଲ୍ଲାରେ ସରକାରୀ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଉପଲବ୍ଧ ସେବାର ଗୁଣବତ୍ତା, ପରିଚାଳନା ବ୍ୟବସ୍ଥା ଏବଂ ଜନସାଧାରଣଙ୍କୁ ମିଳୁଥିବା ସୁବିଧାର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ସମୀକ୍ଷା କରିଛନ୍ତି । ଶ୍ରୀ ସ୍ୱାଇଁ ବିଭିନ୍ନ ଅନୁଷ୍ଠାନକୁ ଆକସ୍ମିକ ଭାବେ ବୁଲି ଦେଖିବା ସହ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିପାଇଁ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି ।

***Desk***

## ଅଗ୍ନିପଥ

ଜଗତ୍ସିଂହପୁର ଜିଲ୍ଲାର ପାରାଦ୍ୱୀପଠାରେ ଆସନ୍ତାମାସ ୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଅଗ୍ନିପଥ ଯୋଜନା ଅଧୀନରେ ସେନା ନିଯୁକ୍ତି ର୍ୟାଲି ଅନୁଷ୍ଠିତ ହେବ । ପ୍ରାର୍ଥୀମାନେ www.joinindianarmy.nic.inରେ ଲଗ୍ଇନ୍ କରି ଅଧିକ ତଥ୍ୟ ପାଇପାରିବେ ।

*Met. O., Bhadrak/R*

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ବନ୍ୟା ପ୍ରଭାବିତ ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ଆଜି ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦପାଇଁ ନିଷ୍ପତ୍ତି ନିଆଯାଇଛି ।

*****